୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.89 Bhubaneswar Friday May 16 2025 | ୨୭ତମ ବର୍ଷ ସଂଖ୍ୟା–୮୯ ଭୁବନେଶ୍ୱର, ଶୁକ୍ରବାର, ମଇ ୧୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ସ୍ୱର୍ଗତ ପ୍ରମୋଦ ଖଣ୍ଡାଇଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ









ଚଣ୍ଡୀଖୋଲ, ୧୫।୫(ପି.ଏନ): କ୍ଷେତ୍ରପାଳ ଗ୍ରାମର ସ୍ୱର୍ଗତ ପ୍ରମୋଦ କୁମାର ଖଣ୍ଡାଇଙ୍କ ଦ୍ୱାଦଶାହ ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ, ବଡ଼ଚଣା ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକଙ୍କ ମାତା ଶ୍ରୀମତୀ ମିନତୀ ସାହୁ, ଦୈନିକ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପବିତ୍ର ମାହାଲା, ପୂର୍ବତନ ଅଧକ୍ଷ ବ୍ରଜସୁନ୍ଦର ନାୟକ, ସତ୍ୟବ୍ରତ ପୃଷ୍ଟି , ଡକ୍ଟର ବିଶ୍ୱନାଥ ଦାସ, ବାବା ବୈରବାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର କେଦାରନାଥ ଦାସ, ଅଧାପକ ଶୈଳନନ୍ଦନ ମହାନ୍ତି, ଆଡ଼ଭୋକେଟ ଦେବରାଜ ବେହେରା, ନୃସିଂହ ଚୌଧୁରୀ ମହାବିଦ୍ୟାଳୟ ଯାଜପୁରର ପ୍ରାଧାପକ ଡକ୍ଟର ବିଶ୍ୱଜିତ ମହାପାତ୍ର , ଭାରତୀୟ ଜୀବନ ବୀମା ନିଗମର କଟକ ଡିଭିଜନାଲ ମ୍ୟାନେଜର ସନ୍ତୋଷ ସାମନ୍ତରାୟ, ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ସାହୁ, ସାମ୍ବାଦିକ ଶିବପ୍ରସାଦ ସାହୁ,ମୋହନ ଖ୍ଲାର ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଖଣ୍ଡାଇଙ୍କ ସ୍ମୃତିରେ ଦୁଇଟି ସ୍ମରଣୀକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ ସ୍ୱର୍ଗତ ଖଣ୍ଡାଇ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ସମାଜ ବିଜ୍ଞାନର ପ୍ରାଧାପକ ଭାବେ କାର୍ଯ୍ୟରତ ଥିଲେ। ଜୁନ୍ ମାସରେ ଅବସର ନେବା ପୂର୍ବରୁ ମଇ ୩ ତାରିଖରେ ମହାବିଦ୍ୟାଳୟରେ ଏକ ବିଦ୍ୟାୟକାଳୀନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସମୟରେ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱର୍ଗତ ଖଣ୍ଡାଇଙ୍କ ଧର୍ମପତ୍ନୀ ଶ୍ରୀମତୀ ବିଭାସିନୀ ଖଣ୍ଡାଇ, ପୁତ୍ର ପି.ବି. ସଂଯୋଗ କୁମାର, ଭାଇ ଦେବେନ୍ଦ୍ର ଓ ପ୍ରଶାନ୍ତ , ଭଉଣୀ ଜ୍ୟୋତ୍ସ୍ନାମୟୀ, ଭିଶୋଇ, ଭାଇବୋହୂ, ପୁତୁରା, ପୁତୁରା ବୋହୂ, ଝିଆରୀ, ଝିଆରି ଜ୍ୱାଇଁ, ଭଣଜା, ଭଣଜା ବୋହୂ, ଭାଣେଜୀ, ଭାଣେଜୀ ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପାଣି ମୁନ୍ଦାଏ ପାଇଁ ଛଟପଟ ଜୀବନ, ଜଳକଷ୍ଟ ଭୋଗୁଛନ୍ତି ଆସିକା ଗ୍ରାମବାସୀ



ଗଞ୍ଜାମ, ୧୫।୫(ପି.ଏନ): ପାଣି ମୁନ୍ଦାଏ ପାଇଁ ଛଟପଟ ଜୀବନ । ଗଞ୍ଜାମ ଆସିକା ବ୍ଲକ କୈବଲ୍ୟପୁର ଗାଁରେ ଉତ୍କଟ ଜଳ ସଂକଟ । ଗାଁର କୂଅ ପୋଖରୀ ସବୁ ଶୁଖିଲା। ଠିକାଦାର ଓ ପ୍ରଶାସନ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଲୋକଙ୍କ କଷ୍ଟ ସରକାରଙ୍କ ଆଖିକୁ ଦେଖାଯାଉନି ବୋଲି ଅଭିଯୋଗ ହୋଇଛି। ଗାଁର କୂଅ ପୋଖରୀ ସବୁ ଶୁଖିଲା। ସ୍ଥିତି ଏମିତି ଗାଁ ଲୋକେ ଗାଧୋଇବାକୁ ଦୁଇ କିଲୋମିଟର ଗଲା ପରେ ପୋଖରୀର ପଙ୍କ ମିଶା ପାଣିରେ ଗାଧୋଇବାକୁ ବାଧ ହେଉଛନ୍ତି ଗାଁର ଶହେରୁ ଉର୍ଦ୍ଧ୍ୱ ପରିବାର ।ଗାଁର ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି ଓଭର ହେଡ୍ ପାଣି ଟାଙ୍କୀ । ଲୋକଙ୍କ ଘର ଆଗରେ ଷ୍ଟାଣ୍ଡ ପୋଷ୍ଟ ବି ରହିଛି । ହେଲେ ପାଣି ଆସୁନି। ଗ୍ରାମବାସୀ ରାଜନେତା ଓ ସରକାରୀ ବାବୁଙ୍କୁ ବାରମ୍ବାର ଗୁହାରୀ କଲେ ବି କେହି କିଛି ପଦକ୍ଷେପ ନେଇନାହାନ୍ତି ବୋଲି ଅଭିଯୋଗ ହୋଇଛି । ଗାଁରେ ୩ଟି ନଳ କୂଅ। ସେଥିରୁ ଗୋଟିଏ ଅଚଳ ଅନ୍ୟ ଦୁଇଟିରୁ ଗୋଳିଆ ଲୁହା ଜଙ୍କ ମିଶା ପାଣି ବାହାରୁଛି । ଉହଲବିକଳ ହୋଇ ଲୋକେ ସେହି ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏପରିକି ମାସ ମାସ ଧରି କିଛି ଲୋକେ ଭଲରେ ଶୌଚ ହୋଇପାରୁନାହାନ୍ତି। ପାଣି ଆସୁଥିବା ନଳକୂଳ ପାଖେ ଘଣ୍ଟାଘଣ୍ଟା ଧରି ମୁନ୍ଦାଏ ପାଣି ପାଇଁ ଅପେକ୍ଷା କରୁଛନ୍ତି। ବ୍ଲକ ପକ୍ଷରୁ ଦୁଇ ତିନି ଦିନରେ ଥରେ ଗୋଟିଏ ଟ୍ୟାଙ୍କରେ ପାଣି ଯୋଗାଇ ଦିଆ ଯାଉଛି ସତ ହେଲେ ତାହା ସମସ୍ତଙ୍କ ପାଇଁ ଯଥେଷ୍ଟ ହେଉନି ।

## ବିଜେପି ସରକାରଙ୍କୁ ବର୍ଷ ପୂର୍ତ୍ତିରେ ପୂରଣ ହେବ କି ମନ୍ତ୍ରୀପଦ ?

ଭୁବନେଶ୍ୱର, ୧୫।୫(ପି.ଏନ):: ବର୍ଷ ପୂର୍ତ୍ତିରେ ପୂରଣ ହେବ କି ମନ୍ତ୍ରୀପଦ ? ବଣ୍ଟନ ହେବ କି ନିଗମ ? ବିଜେପି ବିଧାୟକ ଖୋଲିଲେଣି ମୁହଁ । ୬ଟି ମନ୍ତ୍ରୀପଦ ପାଇଁ ଲମ୍ବା ଆଶାୟୀ । ବିଜେଡି କହିଲା, ପ୍ରଚାର ଓ ଭାଷଣରେ ସୀମିତ ସରକାର। ବିଜେପି ସରକାର ଗଠନର ୧୧ମାସ ପରେ ପୁଣିଥରେ ମନ୍ତ୍ରିମଣ୍ଡଳ ଖାଲି ପଡିଥିବା ପଦବୀ ଓ ନିଗମ ବଣ୍ଟନକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ଜୁନ ୧୨ ବର୍ଷ ପୂର୍ତ୍ତିବେଳକୁ ମନ୍ତ୍ରିମଣ୍ଡଳରେ ଖାଲି ପଡିଥିବା ୬ଟି ଆସନ ମୁଖ୍ୟମନ୍ତ୍ରୀ ପୂରଣ କରିବେ ଆଶା ବାନ୍ଧିଛନ୍ତି ବିଜେପି ବିଧାୟକ। ସେଥିପାଇଁ କିଛି ଦିନର ନିରବତା ପରେ ପୁଣି ବିଜେପି ବିଧାୟକମାନେ ମୁହଁ ଖୋଲିଛନ୍ତି । ବିଧାୟକ ଅଗସ୍ତି ବେହେରା କହିଛନ୍ତି ଯେ ଯୁଦ୍ଧ ପାଇଁ ଏସବୁ ପ୍ରକ୍ରିୟା ଟିକେ ବିଳମ୍ବ ହୋଇଛି । ଏହାରି ଭିତରେ ମୁଖ୍ୟମନ୍ତ୍ରୀ ଖାଲି ପଡିଥିବା ମନ୍ତ୍ରୀ ପଦ ଓ ନିଗମ ଘୋଷଣା କରିବେ । ଏନେଇ ଦଳୀୟ ସ୍ତରରେ ନିଷ୍ପତ୍ତି ହୋଇଛି କ୍ଷ ଖୁବଶୀଘ୍ର ନାଁ ଘୋଷଣା କରାଯିବ ବୋଲି ସେ କହିଛନ୍ତି କ୍ଷ ସେହିପରି ଦଳର ବରିଷ୍ଠ ବିଧାୟକ ଅଶୋକ ମହାନ୍ତି ମଧ୍ୟ ସମାନ କଥା କହିଛନ୍ତି । ତାଙ୍କ ଯୁକ୍ତି ହେଉଛି ଖାଲି ପଡ଼ିଥିବା ୬ ମନ୍ତ୍ରୀପଦ ପୂରଣ ହେବାର ଆବଶ୍ୟକ ରହିଛି । ସେହିପରି ଚ଼ିକିଟି ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ମଧ ଦୁଇ ବିଧାୟକଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି । ବିଜେପି ବିଧାୟକ ମନ୍ତ୍ରୀ ପଦ ପୂରଣ ନେଇ ମୁହଁ ଖୋଲିବା ପରେ ମୋହନ ବର୍ଷ ପୂର୍ତ୍ତି ଅବସରରେ ମୋହନ ଅଧାଗଢା ମନ୍ତ୍ରିମଣ୍ଡଳ ପୂରଣ କରିବେ କି ନାହିଁ ତାକୁ ନେଇ ବିଜେପି ମହଲରେ ଚ଼ର୍ଚ୍ଚା ସୃଷ୍ଟି ହୋଇଛି ।ସେପଟେ କିଛି ବିଧାୟକ ଏ ପ୍ରସଙ୍ଗକୁ ଏଡାଇ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ଅନ୍ୟପଟେ ବିଜେପିର ଏପରି ଦୋଦୁଲ୍ୟମାନ ସ୍ଥିତି ଦେଖି ବିଜେଡି ଏହାକୁ ସମାଲୋଚ଼ନା କରିଛି । ବିଜେପି ସରକାର ବର୍ଷ ? ହେବ କେବଳ ଭାଷଣବାଜି ଓ ପ୍ରଚ଼ାରରେ ମାତିଛନ୍ତି । ବଜେଟ୍ ଅର୍ଥ ଠିକ୍ ସେ ସରକାର ଖର୍ଚ୍ଚ କରିପାରୁନାହାଁନ୍ତି । ବିକାଶ କାମ ଓଡ଼ିଶାରେ ଠପ୍ ହୋଇଯାଇଛି କହି ବିଜେପି ସରକାରଙ୍କୁ ସମାଲୋଚ଼ନା କରିଛନ୍ତି ବିଜେଡି ବିଧାୟକ ମନୋହର ରନ୍ଧାରୀ ।ଗୋଟେ ପଟେ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତୁତି ଶାସକ ଦଳ ଜୋରଦାର କରୁଥିବା ବେଳେ ଅଧାଗଢା ମନ୍ତ୍ରିମଣ୍ଡଳ ଓ ନିଗମ ବଣ୍ଟନ ଅଙ୍କକଷାରେ ଛନ୍ଦି ହୋଇପଡିଛି । ତଥାପି ନିଜ ସଫଳତାର ପ୍ରଚ଼ାର ପାଇଁ ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ।

## ଜଙ୍ଗଲରେ ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ



ତାଳଚେର, ୧୫।୫(ପି.ଏନ): ଗତ ମେ' ୫ ତାରିଖରେ ତାଳଚେର ଥାନା ଅନ୍ତର୍ଗତ ଶିବରାମପୁର ରାସ୍ତା ନିକଟ ଜଙ୍ଗଲରେ ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ତାଳଚେର ପୋଲିସ । ପ୍ରେମ ବ୍ୟାପାର ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଅପହରଣ ପରେ ହତ୍ୟା କରିଥିଲା । ଅପହରଣ କରି ରଖିଥିବା ଜଙ୍ଗଲ ଓ ହତ୍ୟାକାଣ୍ଡ ସ୍ଥାନରେ ପୋଲିସ ଓ ଡଗ ସ୍କ୍ୱାର୍ଡ ସହ ଅଭିଯୁକ୍ତକୁ ନେଇ ସିନ ରିକ୍ରିଏସନ କରିଛି ପୋଲିସ । ହତ୍ୟା ପରେ ଦୁର୍ଘଟଣାର ରୂପ ଦେଇଥିଲେ ହତ୍ୟାକାରୀ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଆନନ୍ଦ ନାୟକଙ୍କୁ ପୋଲିସ ଗିରଫ କରିଥିବା ବେଳେ ଘଟଣାରେ ଆଉ କିଛି ଅଭିଯୁକ୍ତ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି । ତାଳଚେର ଦେଉଳବେଡ଼ା ଅଞ୍ଚଳର ବିଶ୍ୱଜିତ ନାଏକ ଘରୁ ନିଖୋଜ ହୋଇଥିବା ବେଳେ ୯ ଦିନ ପରେ ବିଶ୍ୱଜିତଙ୍କର ଗଳିତ ମୃତଦେହ ସହ ଘଟଣାସ୍ଥଳରୁ ତାର ସ୍କୁଟିକୁ ପୋଲିସ ଉଦ୍ଧାର କରିଥିଲା । ଘଟଣାର ଅଧିକ ତଦନ୍ତ ଜାରି ରଖିଛି ତାଳଚେର ପୋଲିସ।

## ସୁବର୍ଣ୍ଣପୁରରେ ବାଟବଣା ସ୍ୱାସ୍ଥ୍ୟସେବା, ସରକାରୀ ମେଡିକାଲରେ ମିଳୁନି ଔଷଧ



ସୁବର୍ଣ୍ଣପୁର, ୧୫।୫(ପି.ଏନ): ସୁବର୍ଣ୍ଣପୁରରେ ବାଟବଣା ସ୍ୱାସ୍ଥ୍ୟସେବା। ସରକାରୀ ମେଡିକାଲରେ ମିଳୁନି ଔଷଧ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁନି ଔଷଧ। ୫ ମାସ ହେଲାଣି ବନ୍ଦ ହୋଇପଡ଼ିଛି ମେଡିସିନ କାଉଣ୍ଟର । ଔଷଧ ନ ପାଇ ଲୋକେ ହନ୍ତସନ୍ତ । ଡୁଙ୍ଗୁରିପାଲି ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଆଖପାଖ ୨ଶହ ଗାଁରୁ ଲୋକେ ଚ଼ିକିତ୍ସାସେବା ପାଇଁ ଆସିଥାନ୍ତି । ସ୍ୱାସ୍ଥ୍ୟ ବିଭାଗର ନିୟମ ରହିଛି । ସରକାରୀ ମେଡିକାଲରୁ ରୋଗୀ ମାଗଣାରେ ନିଦାନ କାଉଣ୍ଟରରୁ ଔଷଧ ପାଇବ । କୌଣସି ବି ସ୍ଥିତିରେ ଡାକ୍ତର ବାହାରୁ ଔଷଧ କିଣିବା ପାଇଁ ଲେଖିପାରିବେ ନାହିଁ । କିନ୍ତୁ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପ୍ରେସକ୍ରିପସନ ଧରି ଔଷଧ କାଉଣ୍ଟର ଆଗରେ ଘଣ୍ଟାଘଣ୍ଟା ଧରି ଧାଡ଼ି ବାନ୍ଧି ଠିଆହେବା ଦେଖିବାକୁ ମିଳୁଛି । ମେଡିସିନ୍ କାଉଣ୍ଟରରେ ଔଷଧ ନ ମିଳିବାରୁ ନିରାଶ ହୋଇ ଫେରୁଛନ୍ତି ଲୋକେ ।ଏ ବିଷୟରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା କଥା ଫାର୍ମାସିଷ୍ଟ ଅଭାବରୁ ମେଡିସିନ କାଉଣ୍ଟର ବନ୍ଦ ରହିଛି । ଗୋଟିଏ ପଟେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ସୁଦୃଢ଼ ଓ କର୍ମଚାରୀ ଅଭାବ ନାହିଁ ବୋଲି କହୁଥିବାବେଳେ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ମାସ ଧରି ଫାର୍ମାସିଷ୍ଟ ପଦବୀ କାହିଁକି ଖାଲି ପଡ଼ିଛି ? ରୋଗୀ ସେବା ବାଧାପ୍ରାପ୍ତ ହେଉଛି ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚ଼ିବ ଅବଗତ ଅଛନ୍ତି ତ ? ଦିନକୁ ଦିନ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି ।ପ୍ରସୂତି ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କେମିତି ବନ୍ଦ ହୋଇପଡିଛି ମେଡିସିନ କାଉଣ୍ଟର ଏଥିପ୍ରତି ସରକାର କେବେ ଦୃଷ୍ଟି ଦେବେ ତାକୁ ଚ଼ାହିଁ ରହିଛନ୍ତି ଅଞ୍ଚଳବାସୀ ?

## ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହା ସଂଘର ଇସି ପୁନର୍ଗଠନ ଆଦେଶ ଉପରେ ରହିତାଦେଶ ୪- ଜୁଲାଇ ପର୍ଯ୍ୟନ୍ତ ବଳବତ୍ତର ରହିଲା

କଟକ:୧୫।୫୨୦୨୫(ପି.ଏନ): ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟରତ ମହିଳା ଗୋଷ୍ଠୀଙ୍କ ପୁନର୍ଗଠନ ଆଳରେ ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧିନରେ ଥିବା ୬ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ୫୨ ହଜାର ସିଏଲ୍ଏଫ୍, ରାଜ୍ୟରେ କାର୍ଯ୍ୟରତ ଏକ ଲକ୍ଷ ଅଣଷଠି ହଜାର ଇସି ସଦସ୍ୟଙ୍କୁ ହଟାଇ ନୂତନ ଇସି ସଦସ୍ୟ ଚ଼ୟନ, ଜିପିଏଲ୍ଏଫ୍, ବିଏଲ୍ଏଫ୍ ଓ ଡିଏଲ୍ଏଫ୍ ର ପୁନର୍ଗଠନ ପାଇଁ ତା୮/୧/୨୦୨୫ ତାରିଖରେ ନିର୍ଦ୍ଦେଶ, ତା୨୨/୧/୨୦୨୫ରିଖରେ ପ୍ରକାଶିତ ପୁନର୍ଗଠନର ନୂତନ ଗାଇଡ୍ ଲାଇନକୁ ରଦ୍ଦ କରିବା ପାଇଁ ହୋଇଥିବା ରିଟ୍ ପିଟିସନର ଆଜି ଶୁଣାଣି କରି ଓଡ଼ିଶା ଉଚଚ଼ ନ୍ୟାୟାଳୟଙ୍କ ମାନ୍ୟବର ନ୍ୟାୟମୂର୍ତ୍ତି ଶଶୀକାନ୍ତ ମିଶ୍ର ଏହି ଆବେଦନରେ ପ୍ରତିପକ୍ଷ ଓଡ଼ିଶା ସରକାର ଓ ଅନ୍ୟମାନେ ଜବାବ ସତ୍ୟପାଠ ଦେଇ ନଥପାରିବାରୁ ଓଡ଼ିଶା ସରକାରଙ୍କ ପୁନର୍ଗଠନ ନିର୍ଦ୍ଦେଶ ଉପରେ ମାନ୍ୟବର ଉଚ୍ଚନ୍ୟାୟାଳୟ ଙ୍କ ରହିତାଦେଶ ଆଗାମୀ ୪ଜୁଲାଇ ପର୍ଯ୍ୟନ୍ତ ବଳବତ୍ତର ରଖିବା ସହ ପ୍ରତିପକ୍ଷ ତାଙ୍କର ଜବାବ ସତ୍ୟପାଠ ଜରିଆରେ ଅବିଳମ୍ବେ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ପରବର୍ତ୍ତି ଶୁଣାଣି ୪ ଜୁଲାଇ କୁ ଧାର୍ଯ୍ୟ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଙ୍କୁ ନେଇ ୫ରୁ ୧୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଗଠିତ ସିଏଲ୍ଏଫ୍ ମଧ୍ୟରୁ ୨ ଜଣ ଲେଖାଏଁ କାର୍ଯ୍ୟନିର୍ବାହୀ ବା (ଇସି ସଦସ୍ୟ) ମନୋନୟନ କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଜିପିଏଲ୍ଏଫ୍, ବ୍ଲକ ସ୍ତରରେ ବିଏଲ୍ଏଫ୍ ଓ ଜିଲ୍ଲା ସ୍ତରରେ ଡିଏଲ୍ଏଫ୍ ଗଠନ କରି ଏହି ମିଶନ ଶକ୍ତି ସ୍କିମ ୱାର୍କରଙ୍କୁ ସେସମୟର ଗାଇଡ ଲାଇନ ଭିତ୍ତିରେ ପୁନର୍ଗଠନ ଅଥବା ୨୦୧୩ ମସିହାର ଗାଇଡ୍ ଲାଇନ ଭିତ୍ତିରେ ପୁନର୍ଗଠନ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ କରି ନଥିଲେ।

## ଓବିସି, ଏସଇବିସିଙ୍କୁ ସଂରକ୍ଷଣ ପ୍ରସଙ୍ଗ: କ୍ୟାବିନେଟ ନିଷ୍ପତ୍ତିକୁ ବିଜେଡିର କଡ଼ା ସମାଲୋଚ଼ନା



ଭୁବନେଶ୍ୱର, ୧୫।୫(ପି.ଏନ): ଉଚ୍ଚଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ଲାଗି ଗତକାଲି କ୍ୟାବିନେଟ ଯେଉଁ ନିଷ୍ପତ୍ତି ନେଇଛି ତାକୁ କଡ଼ା ସମାଲୋଚ଼ନା କରିଛି ବିଜେଡି । କ୍ୟାବିନେଟ ନିଷ୍ପତ୍ତି ଶିକ୍ଷା କ୍ଷେତ୍ରରେ ଏକ ପ୍ରହେଳିକା ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ । କହଛନ୍ତି, ତାହା ଏକ ହାଲୁକା ସଂରକ୍ଷଣ ବା ଆଂଶିକ ସଂରକ୍ଷଣ । ସେଥିପାଇଁ ସରକାରଙ୍କୁ ଆଂଶିକ ଧନ୍ୟବାଦ । କାରଣ ହେଉଛି ଯୁକ୍ତ ଦୁଇ, ଯୁକ୍ତ ତିନି ଓ ପିଜିରେ ସିଟ ଖାଲି ପଡୁଛି । ସେଠି ସରକାର ସଂରକ୍ଷଣ ଦେଇଛନ୍ତି । ମୂଳ ଦାବି ହେଉଛି ଇଞ୍ଜିନିୟରିଂ, ମେଡିକାଲ ଓ ଟେକ୍ନିକାଲରେ ସଂରକ୍ଷଣ ଦିଆଯାଉ। ସେଠି ଏସସି ଓ ଏସଟି ପିଲାଙ୍କୁ ୨୦% ଦେଉଛନ୍ତି। ତାଙ୍କୁ ୩୮.୭୫ % ସଂରକ୍ଷଣ ଦିଅ । ଓବିସି ପିଲାମାନେ ଶୂନ ସଂରକ୍ଷଣ ପାଉଛନ୍ତି। ତାଙ୍କୁ ୨୭ % ଦିଅ । ଯଦି ସଂରକ୍ଷଣ ସେମାନଙ୍କୁ ଦେଇ ନପାରିବ ତେବେ ଏ ପ୍ରହେଳିକା ସୃଷ୍ଟି କରି ବାହାବା ନେବାର କୌଣସି ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଅରୁଣ। ସମାଜରେ ଯେଉଁ ତାରତମ୍ୟ ଅଛି ତାକୁ ଭାଙ୍ଗିବା ପାଇଁ କାମ ନକରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କଟାକ୍ଷ କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ।ସେହିପରି ଏ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବିଜେଡି ବିଧାୟକ ମନୋହର ରନ୍ଧାରୀ କହିଛନ୍ତି, ବହୁପୂର୍ବରୁ ଓବିସି ଓ ଏସଇବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦଳ ଦାବି କରିଆସୁଛି। ବିଶେଷତଃ ମେଡିକାଲ୍, ଇଞ୍ଜିନିୟରିଂ ଓ ବୃତ୍ତିଗତ ଶିକ୍ଷାରେ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗି ଦାବି କରିଆସୁଛି । ଏହାସହ ନିଯୁକ୍ତି କ୍ଷେତ୍ରରେ ଏସଇବିସିଙ୍କ ଲାଗି ୨୭ ପ୍ରତିଶତ ସଂରକ୍ଷଣ କରାଯାଉ ବୋଲି ଦଳ ଦାବି ଜଣାଇଛି । ସରକାର କିନ୍ତୁ କ୍ୟାବିନେଟରେ ତାହା କରିନାହାଁନ୍ତି କହି ସମାଲୋଚ଼ନା କରିଛନ୍ତି ବିଜେଡି ବିଧାୟକ ମନୋହର ରନ୍ଧାରୀ। ଗତକାଲି ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି । ଏହି ସଂରକ୍ଷଣ ନୀତି ଚ଼ଳିତ ଶିକ୍ଷା ବର୍ଷରୁ ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁ କରାଯିବ। ଏହା ସହିତ ଉଚ୍ଚଶିକ୍ଷାରେ ଅନୁସୂଚ଼ିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ୨୨.୫ ପ୍ରତିଶତ, ଅନୁସୂଚ଼ିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି ୫ ପ୍ରତିଶତ ଓ ପୂର୍ବତନ ସେନାନୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ସଂରକ୍ଷଣ ପୂର୍ବ ପରି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ




**ଭୁବନେଶ୍ୱର, ୨୦୨୫, ମଇ ୧୬**

# ଚରିତ୍ର ନଥିଲେ ସବୁ ଅସାର


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ। ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ। କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। ସାର୍ଥକ ସଙ୍ଗତି ଆବଶ୍ୟକ। ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ। ସବୁବେଳେ ନିଜକୁ ଜିଜ୍ଞାସା କରିବ – ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ – ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଏହାର ଅର୍ଥ ତୁମର ମନଗଢ଼ା ବା ପ୍ରବୃତ୍ତି ଧର୍ମକୁ ଛାଡ଼ି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ଜନୈକ ଭକ୍ତ ପ୍ରଶ୍ନ କଲେ – ସଦ୍‌ଗୁରୁ ଗ୍ରହଣ କଲେ ସେ ଆତ୍ମ ମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଷ୍ଠୟତା ଓ ପ୍ରତିଶ୍ରୁତି ଦେବେ ତ? ଦୃଢ଼ କଣ୍ଠରେ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଏହି ନିଶ୍ଚୟତା ଓ ପ୍ରତିଶ୍ରୁତି ସଦ୍‌ଗୁରୁ ଅବଶ୍ୟ ଦେବେ। କିନ୍ତୁ ସେଥିନିମିତ୍ତ ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ। ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡ଼ିବ। ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ – ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ। ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ। ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର। ତୁମେ ମଧ୍ୟ ବିଶ୍ୱରୂପ ଦେଖି ପାରିବ। ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଭକ୍ତ ଅର୍ଜ୍ଜୁନଙ୍କ ମଧ୍ୟରେ ଅର୍ଜ୍ଜନ ଅଛି। ଅର୍ଜ୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧ୍ୟମରେ ଅର୍ଜ୍ଜନ କରିଥିଲେ। କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର। ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ। ତୁମର ସତ୍ ଅଭ୍ୟାସଗୁଡ଼ିକ ସଜାଗ ରଖ, ଐବଭସତ୍ତ୍ୱ ମାନେ ଐବଙ୍କର ସତ୍ତ୍ୱ।

ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟ ଗୁଡ଼ିକ ଦୂର ହେବା ଆବଶ୍ୟକ। ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ – କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ। କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆତ୍ମ ମାନଙ୍କର ବୋଧ ବୃଦ୍ଧି ପାଏ। ଅସତ୍‌କୁ ଆମେ ଜାଣିବୁ। କିନ୍ତୁ ଅସତ୍ ଯେପରି ଆତ୍ମମାନଙ୍କୁ ପ୍ରଭାବିତ କରି ନପାରେ ତାର ଚେଷ୍ଟା କରିବୁ। ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ। ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ। ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡ଼ିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏନାହିଁ। ଭଗବାନ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି – ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ। ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି – ତୁମ୍ ଯେଇସା ରମକୋ, ତୁମ୍‌କୋ ତେଇସା ରାମ, ଡାଇନେଯାଓ ତୋ ଡାଇନ, ବାମେ ଯାଓ ତୋ ବାମ। ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ – ଯେ ଯେପରି ଭଜନା କରେ ସେହିପରି ଫଳ ପାଏ। ତାହାହେଲେ ରାବଣ ମଧ୍ୟ ସାଧନା କରି ଫଳ ପାଇଥିଲା। କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା। ଏହି ପ୍ରସଙ୍ଗରେ କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍। ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ। ଆଉ ଅସ୍ତିତ୍ୱକୁ ଯିଏ ରକ୍ଷା କରେ ସେ ସତ୍। କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ। ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା। ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା। ଧରାଯାଉ ସଉା ଚାହୁଁଛି ଚାରିଟା ରସଗୋଲା ଖାଇବ। କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସଉା ତାହା ଗ୍ରହଣ କରିବ ନାହିଁ। ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ। ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇଉଠିବ। ଜଣେ ସତୀ ସ୍ତ୍ରୀର ଯେପରି ହୁଏ। ଶତୃତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ। ଭକ୍ତ ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି। ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ। ଏହି ପ୍ରସଙ୍ଗରେ କୁଳ ମାଲିକ ଶ୍ରୀ ଶ୍ରୀ ଠାକୁର କହିଲେ – ଏଗୁଡ଼ିକ ଭାବିବାର ଜିନିଷ ନୁହେଁ। ଲୋକମାନେ ନିନ୍ଦା କରିପାରନ୍ତି। ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଈଙ୍କର ମଧ୍ୟ ନିନ୍ଦା କରିଛନ୍ତି। କବୀର ସାହେବଙ୍କୁ ମଧ୍ୟ ଅନେକ ନିନ୍ଦା କରନ୍ତି। ନିନ୍ଦା କଲେ ମଧ୍ୟ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି। ସେଣ୍ଟ ଜନ୍ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ। ଲୋକମାନେ ତାଙ୍କୁ କହୁଥିଲେ – ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ। ସେ କହିଲେ – ମୁଁ ମୂର୍ତ୍ତ ପ୍ରେମ ଦେଖୁଛି। ଭକ୍ତର ଭାବିବା ଉଚିତ – ପ୍ରଭୁ, ମୁଁ ତୁମକୁ ଭଲ ପାଏ। କର୍ମରେ ମଧ୍ୟ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ୍ୟ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି। ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ। ଏହା ଲୋକ ଦେଖାଣିଆ ହେଲେ ମଧ୍ୟ ଭଲ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି – ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି। ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀ ମାନଙ୍କୁ ଖୁବ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା। ହୁଏତ କିଛି ପକ୍ଷୀ ମଧ୍ୟ ବାଣରେ ନ ମରି ଉଡି ଯାଉଥିଲେ। ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ। ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ। ବ୍ୟାଧ ଭାବିଲା ଏହାତ ଖୁବ ମଜା। ମୁଁ ମଧ୍ୟ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି। ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା। ଠିକ ସେହିପରି ଭାବରେ ପକ୍ଷୀମାନେ ମଧ୍ୟ ଉଡି ଆସି ବ୍ୟାଧ ଦେହରେ ବସିଲେ। ସେତେବେଳେ ସେ ବ୍ୟାଧାର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା – ଏତିକିରେ ଏତେ ଫଳ। ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି। ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି – ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି। ଭଲ ଭଲ ନାଟକ ହେଲେ ମଧ୍ୟେ ମଧ୍ୟେ ଯାଉଥିଲି। ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ୍ୟ ସେହିପରି ଭାବରେ। ଜଣେ ଖୁବ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ ଭଲ ଅଭିନୟ କରୁଥିଲେ। ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା। ସେ ଆଉ ଘରକୁ ନଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା। ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ୍ୟ ଭଲ। କିନ୍ତୁ ଧର୍ମର ଭାବାଲୁତା ଭଲ ନୁହେଁ। ଏଥିରେ ମନୁଷ୍ୟ ଧପ୍ପାବାଜ ହୋଇ ଉଠେ। କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହୁଏ ନାହିଁ। ସେଥିପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ – କର୍ମ ନାହିଁ ଚିନ୍ତାସତ୍, ଖସଡ଼ା ପଥରେ ନରକ ପଥ।

ସହପ୍ରତିରଦ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ଦୂରଭାଷ :
୯୪୩୭୦୫୧୯୫୭

# ଉତ୍ତରାଖଣ୍ଡ ଓ ସମାନ ଆଇନ୍ ସଂଘିତା


ଭାସ୍କର ବାରିକ୍

ସୋସିଆଲ ମିଡିଆରେ କେହି ଜଣେ ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ଗିର୍ଟ ୱାଇଲଡର୍ସଙ୍କର କେଇ ମିନିଟର ଗୋଟିଏ ଛୋଟିଆ ଭାଷଣ ଶେୟାର କରିଥିଲେ । ଭିଡିଓଟି ଭଲ ଲାଗିଲା । ଏଇଥିପାଇଁ ଭଲ ଲାଗିଲା ଯେ ନିଜ ଦେଶର ଶାନ୍ତି, ପ୍ରଗତି ଓ ଉନ୍ନତି ପାଇଁ ସେ ଉଗ୍ରବାଦ, ସନ୍ତ୍ରାସବାଦ ଓ ଆତଙ୍କବାଦୀଙ୍କ ପାଇଁ କଡ଼ା ଚେତାବନୀ ଦେଇଥିଲେ ତାଙ୍କ ଭାଷଣରେ । ସିଧା ଭାଷାରେ, ସ୍ପଷ୍ଟ ଭାବରେ କହିଥିଲେ ଏ ଦେଶ ଆମର। ଆମ ଦେଶର ମୂଳ ମୂଲ୍ୟବୋଧ, ମୌଳିକତା , ସେକୁଲାର ଏଥିକ୍ସ,ଦେଶର ଆଇନ୍ କାନୁନ୍ ସହିତ ଖେଳିବାକୁ ଚେଷ୍ଟା କରି ଯେଉଁ ଗୋଷ୍ଠୀ ନିଜର ଧର୍ମ ଗ୍ରନ୍ଥର ଆଇନ୍ ଚ଼ଲେଇବାକୁ ଚେଷ୍ଟିତ, ସେମାନେ ଏ ଦେଶ ଛାଡ଼ି ଚ଼ାଲିଯାଇ ପାରନ୍ତି । ତାଙ୍କୁ କେହି ଅଟକେଇବେ ନାହିଁ । ଯେଉଁ ଦେଶରେ ସେମାନଙ୍କର ନିଜସ୍ୱ ନିୟମ ଚ଼ାଲୁଛି, ସେଇଠିକି ପଳେଇ ଯାଆନ୍ତୁ । ନିଜର ଯାହା ମନମାନି ଦେଖେଇବା କଥା ଦେଖାନ୍ତୁ , ଆମର କିଛି ଅସୁବିଧା ନାହିଁ । କିନ୍ତୁ ଏ ମାଟି ସହିତ ଟିକିଏ ବି ବେଇମାନି କରି, ମୌଳବାଦୀ ଚ଼ିନ୍ତାଧାରା ଆପଣେଇଲେ , କାହାରିକୁ ଛାଡ଼ି ଦିଆଯିବ ନାହିଁ । ବିଦେଶୀ ଅର୍ଥନୈତିକ ସହାୟତା ପାଇ ଯେଉଁମାନେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ କିଛି ଅନୁଷ୍ଠାନ ଚ଼ଲେଇ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁମାନେ ସେମାନଙ୍କୁ ସାହାଯ୍ୟ ସମର୍ଥନ ଯୋଗାଡ କରିବାରେ ହାତ ବଢ଼େଇ ଏ ଦେଶର କ୍ଷତି କରିବାକୁ ଚେଷ୍ଟା କରୁଛନ୍ତି, ସାବଧାନ । ଏ ଦେଶ ଛାଡ଼ି ସେମାନେ ଚ଼ାଲି ଯାଆନ୍ତୁ । ଗେଟ୍ ଲଷ୍ଟ । ଦେଶ ପାଇଁ କି ଚ଼ମତ୍କାର ଅନୁଚ଼ିନ୍ତା, ଭାବନା, ଦେଶଭକ୍ତି । ଖାସ୍ ପବିତ୍ର ଭାରତ ବର୍ଷରେ ପ୍ରତି ଭାରତୀୟଙ୍କ ହୃଦୟରେ ଏମିତି ଭାବନା ଉଦ୍‌ରେଗ ହୁଅନ୍ତା । ସେ ଯେଉଁ ଧର୍ମର ହେଉ, ଯେଉଁ ସଂପ୍ରଦାୟର ହେଉ, ଦେଶ ବିରୋଧୀ କାମ କରୁଥିବା ଅମଣିଷ ମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ପାରନ୍ତା ଯେତେ ଶିଘ୍ର ସମ୍ଭବ । ଜନ୍ମ ହେବ ଏହି ମାଟିରେ, ଖାଇବ,ବଢ଼ିବ ଏହି ମାଟିରେ, କିନ୍ତୁ ଗୁଣ ଗାଇବ ଆଉ କାହାର । ଯାହାର ଗୁଣ ଗାଉଛ , ଖୁଲମଖୁଲା ଜିନ୍ଦାବାଦ କରୁଛ, ସେହି ଦେଶକୁ ପଳାଅ, ଦେଖ, କି ଖୁସି ମିଳିବ ତମକୁ ସେ ମାଟିରେ । ଅମଣିଷ ପଶୁ । ଯିଏ ନିଜ ମାଆର ନୁହଁ, ମାଟିର ନୁହଁ, ସେ ଜୀବନରେ କାହାର ବି ହେଇ ପାରିବନି । ଉପରବାଲାଙ୍କ ନାମରେ ଡ୍ରାମା କରୁଛ । ନରହତ୍ୟା, ନିରିହ ମଣିଷ, ଶିଶୁକୁ ହତ୍ୟା କରିବା, ନାରୀ ସ୍ୱାଧୀନତା ଅପହରଣ କରି ଖେଳନା କରି ରଖିବା, ମଣିଷ ବୋମା ପ୍ରସ୍ତୁତ କରି ମାଆ ମାଟିର ଛାତିକୁ ରକ୍ତ ରଂଜିତ କରିବା କ'ଣ ଧର୍ମ, ମାନବିକତା, ମଣିଷପଣିଆ , ମାନବବାଦ ? ? ? ପଚ଼ାର ନିଜ ବିବେକକୁ , ହୃଦୟକୁ ପଶୁ ଗୋଷ୍ଠୀ । ଯଦି ତମର ବିବେକ, ହୃଦୟ ବୋଲି କିଛି ଥାଏ, ଠିକ୍ ଉତ୍ତର ନିଶ୍ଚିତ ପାଇବ । ଭୋଟ୍ ପାଇଁ ତମକୁ ଯେଉଁମାନେ ସମର୍ଥନ କରୁଛନ୍ତି, ସେମାନେ ତ ଆହୁରି ହୀନ କାରଣ ପାପ କରିବା ଯେତିକି ଅପରାଧ, ପାପ କରିବା ପାଇଁ ସମର୍ଥନ ଯୋଗେଇବା ଆହୁରି ମାରାତ୍ମକ । ଯେଉଁମାନେ ବଡ଼ ପାଟିକରି କହୁଛନ୍ତି ଏ ଦେଶ କାହାରି ବୋପାର ନୁହଁ , ଥରେ ନିଜକୁ ପଚ଼ାର ଏ ଦେଶ କ'ଣ ତମ ବୋପାର ? ଏ ଦେଶ ଆମ ସମସ୍ତଙ୍କର ।ଏ ଦେଶର ମେରୁଦଣ୍ଡ ହେଉଛନ୍ତି ଏ ଦେଶର ଜନସାଧାରଣ । ସେମାନଙ୍କର ପରିଶ୍ରମ, ତ୍ୟାଗ, ତପସ୍ୟା , ଜ୍ଞାନ, ସେବା ମନୋଭାବ ଓ ଦେଶଭକ୍ତି ଏ ଦେଶକୁ ଆଗକୁ ନେବ । ଯେଉଁମାନେ ଧର୍ମ ନାମରେ ଅଯଥାରେ ବିଭିନ୍ନ ବିଭ୍ରାନ୍ତିକର ନୀତିନିୟମ ଲାଗୁ କରିବାକୁ ଚ଼ାହୁଁଛନ୍ତି ନିଜକୁ ସୁହାଇଲା ଭଳି, ତାହା ଆଗାମୀ ସମାଜ ପାଇଁ ଶୁଭଙ୍କର ଓ କଲ୍ୟାଣକାରୀ ନୁହଁ । ଧର୍ମ ନାମରେ ଛୋଟ ଛୋଟ ପିଲାଙ୍କୁ ଧର୍ମର ଅଫିମ ଖୁଆଇ, ବ୍ରେନ୍ ଧୋଇ ଦେଇ ସୁମଣିଷ କରି ଗଢି ହେବନି । ଯଦି କଅଁଳ ବୟସରେ ପିଲାଙ୍କୁ ଭୁଲ୍ ରାସ୍ତାରେ ନିଆଯାଏ, ତାହେଲେ ବଡ଼ ହେଲେ ସେହି ପିଲାମାନେ କେଉଁ ପଥର ପଥିକ ହେବେ, ସେ ବିଷୟରେ କହିବାର ଆବଶ୍ୟକତା ନାହିଁ । ଭଲ ମଣିଷ ହେବା ପାଇଁ ଧର୍ମର ଆବଶ୍ୟକତା ଅଛି କିନ୍ତୁ ତା ସହିତ ଶାରୀରିକ ଶିକ୍ଷା,ନୈତିକତା ଓ ଶୁଶିକ୍ଷା ଜରୁରୀ । କିନ୍ତୁ ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକ ଧର୍ମ ଆଳରେ ଚ଼ାଲିଛି, ବିଦେଶୀ ଅନୁଦାନ ପାଇ ମଣିଷ ତିଆରି କାରଖାନାକୁ ସନ୍ତ୍ରାସବାଦର ଏନ୍ତୁଡ଼ିଶାଳ ଭାବରେ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ନିହାତି ଦରକାର । ସମଗ୍ର ଦେଶ ପାଇଁ ଗୋଟିଏ ପ୍ରକାର ପାଠପଢା ହେବା ଦରକାର । ସବୁ ଧର୍ମର ପବିତ୍ର ଗ୍ରନ୍ଥରୁ ବାଛି ବାଛି ଭଲକଥା ପଢାଗଲେ କିଛି ଅସୁବିଧା ହେବନି ବୋଲି ବିଶ୍ୱାସ । ପିଲାମାନେ କେମିତି ଭଲ ମଣିଷ ହେବେ, ଭବିଷ୍ୟତରେ ଏ ଦେଶକୁ ଠିକ୍ ବାଟରେ ନେଇ ପାରିବେ, ସେ ବିଷୟରେ ଶିକ୍ଷାବିତ, ନେତୃ ମଣ୍ଡଳୀ ଓ ବିଦ୍ୱାନ ମାନେ ଗଭୀର ଭାବରେ ଚ଼ିନ୍ତା କରିବାର ଆବଶ୍ୟକତା ରହିଛି ।

ଆମେରିକା, ପାକିସ୍ତାନ, ବାଙ୍ଗଲାଦେଶ, ମାଲେସିଆ, ତୁର୍କୀ, ଇଣ୍ଡୋନେସିଆ, ଆୟରଲ୍ୟାଣ୍ଡ, ଇଜିପ୍ଟ ପ୍ରଭୃତି ଦେଶ ବିଶ୍ୱରେ କମନ ସିଭିଲ୍ କୋଡ଼ ଲାଗୁ କରିଛନ୍ତି ନିଜ ଦେଶର ସୁରକ୍ଷା,ଶାନ୍ତି ଓ ସମାନତା ପାଇଁ । ୧୯୫୫ ରୁ ଆଜିଯାଏ ଭାରତରେ ନାଗରିକତା ଆଇନ୍ ରେ ଛଅଥର ପରିବର୍ତ୍ତନ ହେଲାଣି । ୧୯୮୬,୧୯୯୨,୨୦୦୩,୨୦୦୫, ୨୦୧୫ ଓ ୨୦୧୯ ରେ ଶେଷଥର ପାଇଁ ଆସିଥିଲା ପରିବର୍ତ୍ତନ ସଂସଦରେ । ଏହି ୨୦୧୯ ରେ ଯେଉଁ ପରିବର୍ତ୍ତନ ଆସିଲା , ସେଥିରେ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଙ୍ଗଲାଦେଶରୁ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଯେଉଁ ହିନ୍ଦୁ,ଶିଖ୍, ଜୈନ, ବୌଦ୍ଧ,ପାର୍ଶି ଓ ଖ୍ରୀଷ୍ଟିଆନ ସଂପ୍ରଦାୟର ଲୋକମାନେ ଭାରତକୁ ଆସିଥିଲେ, ସେମାନଙ୍କୁ ନାଗରିକତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା ଗଣତନ୍ତ୍ରର ମନ୍ଦିର ସଂସଦରେ । କାରଣ ଏହି ସଂପ୍ରଦାୟର ଲୋକମାନଙ୍କର ଜୀବନ ଜୀବିକା ଧନସମ୍ପଦ ଧର୍ମ ଆଧାରରେ ସେହି ଦେଶ ମାନଙ୍କରେ ବିପଦରେ। ସେମାନଙ୍କ ସଂଖ୍ୟା କମି କମି, ହଜି ହଜି ଯାଉଥିବା ପଶୁ ପରି ଲୋପ ପାଇବା ଉପରେ । ଏହି ଘଟଣାକୁ ନେଇ କେତେ ଗଣ୍ଡଗୋଳ, ହଙ୍ଗାମା ଘଟିଲା । ଘଟିଲା କି ଏମିତି କରାଗଲା ସେକଥା ପାଠକମାନେ ବିଚ଼ାର କରିବେ । ମୋର ଯାହା ମନେ ପଡୁଛି, ସେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଥିଲେ । କିନ୍ତୁ ରାଜଧାନୀର ରାଜରାସ୍ତାରେ ଚ଼ାଲିଥିଲା ଟେକାପଥର ଫିଙ୍ଗା ଓ ପୋଡ଼ାଜଳା । ଆମ ଘରକୁ ଯଦି କେହି ଜଣେ ନାମିଦାମୀ ବ୍ୟକ୍ତି ଅତିଥି ଭାବରେ ଆସିଥାନ୍ତି ଆଉ ଆମେ ତାଙ୍କ ଆଗରେ ଘରେ ଝଗଡ଼ା ଲାଗିବା, ମାରପିଟ୍ ଲାଗିବା, ତାହେଲେ ସେ ମାନ୍ୟବର ଅତିଥି ଆମ ଘର ଉପରେ କେଉଁ ପ୍ରକାରର ଧାରଣା ନେଇ ଯିବେ ? କାହିଁକି ଏମିତି ପୋଡ଼ାଜଳା ଗଣ୍ଡଗୋଳ ଘଟିଲା , ମୋର ଅଧା ପାଠୁଆ ମୁଣ୍ଡରେ କିଛି ପଶୁନି । ଛଅଟି ବିପଦ ସଙ୍କୁଳ ସଂପ୍ରଦାୟର ଲୋକମାନଙ୍କୁ ଏ ଦେଶ ନାଗରିକତା ପ୍ରଦାନ କରାଯିବାକୁ ନେଇ ଏତେ ଗମ୍ଭୀର ପରିସ୍ଥିତି । ପାକିସ୍ତାନ, ଆଫଗାନିସ୍ତାନ ଓ ବାଙ୍ଗଲାଦେଶ ମୁସଲମାନ ବହୁଳ ଦେଶ । ସେହି ଦେଶ ମାନଙ୍କରେ ଅନ୍ୟ ସଂପ୍ରଦାୟର ଲୋକମାନେ ସୁରକ୍ଷିତ ଅନୁଭବ ନକରିବାରୁ, ବିକଳରେ ଏ ଦେଶକୁ ପଳେଇ ଆସିଥିଲେ । ସେହି ପଳେଇ ଆସିଥିବା ଲୋକମାନଙ୍କୁ ଏ ଦେଶ ସୁରକ୍ଷା ଦେଲେ, କିଛି ଲୋକଙ୍କର ହୃଦୟ ଜଳୁଛି କାହିଁକି । ମନେ ରଖିବା ଉଚ଼ିତ୍ ସେହି ଦେଶ ଗୁଡ଼ିକରେ ଯେଉଁମାନଙ୍କର ସଂଖ୍ୟା ଗରିଷ୍ଠତା ରହିଛି, ସେମାନେ ଏ ଦେଶକୁ ଆସିବାର କ'ଣ ଆବଶ୍ୟକତା ରହିଛି । ଉଦେଶ୍ୟ କ'ଣ । ସେମାନେ ତାଙ୍କ ଦେଶକୁ ଫେରିବାରେ ଅସୁବିଧା କେଉଁଠି ? ଅଯଥାରେ ସେମାନଙ୍କ ପାଇଁ ଏତେ ବାଦବିବାଦ କାହିଁକି । ସିଟିଜେନସିପ୍ ଆମେଣ୍ଡମେଣ୍ଟ ଏକ୍ଟ ନାଁ ଶୁଣିଲେ ମୁଣ୍ଡ ଖରାପ ହେଉଛି କିଛି ଲୋକଙ୍କର । କମନ ସିଭିଲ୍ କୋଡ଼ କଥା ଉଠିଲେ ଛାତି ଫାଟି ଯାଉଛି । କ'ଣ ପାଇଁ ? ଦେଶର ହିତ ପାଇଁ କ'ଣ ଏହା ଲାଗୁହେବା ଉଚ଼ିତ୍ ନୁହେଁ କି ? ଯାହା ଦେଶର ହିତରେ ଆସିବ, ତାକୁ ସମସ୍ତେ ସମର୍ଥନ କରିବା ଦରକାର । ଲକ୍ଷ ଲକ୍ଷ ସଂଖ୍ୟାରେ ଶରଣାର୍ଥୀ ଏ ଦେଶକୁ ବିଭିନ୍ନ ଉପାୟରେ ପଶି ଆସୁଛନ୍ତି ଜଳପଥ ସ୍ଥଳପଥ ଦେଇ । ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଶରଣାର୍ଥୀ ମାନେ ଅନେକ ସଂଖ୍ୟାରେ ଖୋଲା ସରକାରୀ ଜାଗା ଅବା ଜଙ୍ଗଲ ଜମିରେ ବାସିନ୍ଦା ଭାବରେ ରହି ଆସୁଛନ୍ତି । ସେହି ମାନଙ୍କ ପାଇଁ ଅନେକ ଚୋରି ଡକାୟତି ରାହାଜାନୀ ଭଳି ଅପରାଧ ବଢୁଛି । ସେମାନଙ୍କ ବାସ୍ତବ ଉଦ୍ଧ ?ଶ୍ୟ ଓ କାର୍ଯ୍ୟ ଉପରେ କାହାରି ସେତେଟା ନଜର ଥିଲାଭଳି ମନେ ହେଉନି । ସେମାନଙ୍କୁ ଏ ମାଟିରୁ ବିତାଡିତ କରିବା ବଦଳରେ,ରାଜନୈତିକ ବାଦାନୁବାଦ ଏ ସମସ୍ୟାକୁ ନେଇ । ରାଜନୈତିକ ଅଭିସନ୍ଧି ନେଇ ଆମେ ଯଦି ସେମାନଙ୍କୁ ଜ୍ୱାଇଁ ପୁଅର ସମ୍ମାନ ଦେଇ, ଆଧାର କାର୍ଡ,ରେସନ କାର୍ଡ,ଭୋଟର କାର୍ଡ ଯୋଗେଇ ଦେବା, ଆମ ଜମିରେ ସେମାନଙ୍କୁ ରହିବା ପାଇଁ ଅନୁମତି ଦେବା, ତାହେଲେ ସମୟ ଆସିବ ଏ ଦେଶର ପ୍ରକୃତ ଲୋକମାନେ ଶରଣାର୍ଥୀ ପାଲଟିଯିବେ ନିଜର ଭିଟା ମାଟିରେ । ବେଳ ଥାଉ ଥାଉ ସଜାଗ ସଚେତନ ହେବା ଦରକାର ନହେଲେ ଦେଶ ପାଇଁ ନିଶ୍ଚିତ ବିପଦ ଘନେଇ ଆସିବ ।ସମୟ ଥିଲା ଯେତେବେଳେ ଆଫଗାନିସ୍ତାନରେ ହିନ୍ଦୁ, ଶିଖ୍ ମାନଙ୍କର ସଂଖ୍ୟା ଗରିଷ୍ଠତା ଥିଲା । ମାତ୍ର ସମୟ ଚ଼କ୍ରରେ ସେ ଦେଶରେ ଏବେ ଅନେଶତ ଭାଗରୁ ଅଧିକ ଗୋଟିଏ ସଂପ୍ରଦାୟର । ହିନ୍ଦୁ ଶିଖ୍ ବୌଦ୍ଧ ଧର୍ମର ଲୋକମାନେ କୁଆଡେ ହଜିଗଲେ ? ଏହା ପଛରେ କାରଣ କ'ଣ ସବୁ । ସେ ଦେଶରେ ଏବେ କେଉଁ ପ୍ରକାରର ଅବସ୍ଥା, ସେ ବିଷୟରେ ସମସ୍ତେ ଅବଗତ । ପବିତ୍ର ଭାରତ ବର୍ଷରେ ସେମିତି କିଛି ନଘଟୁ ସେଥିପାଇଁ ସମସ୍ତେ ସଚେତନ ହେବା ଦରକାର । ସବୁ ଧର୍ମ ଭିତରେ ସମନ୍ୱୟ ରଖି , ସବୁ ଧର୍ମ ପାଇଁ ଗୋଟିଏ ନିୟମ ପ୍ରଣୟନ ଓ ପ୍ରଚ଼ଳନ ହେଲେ, ଏ ଦେଶର ଭବିଷ୍ୟତ ପିଢ଼ି ପାଇଁ ମଙ୍ଗଳମୟ ହେବ । ଆମେ ସବୁବେଳେ ମନେ ରଖିବା ସର୍ବୋପରି ଦେଶର ସଂସ୍କୃତି, ଶାନ୍ତି ଓ ସୁରକ୍ଷା କଥା ଚ଼ିନ୍ତା କରିବା ଆମ ପାଇଁ ଶ୍ରେୟସ୍କର । ସମଗ୍ର ଦେଶ ପାଇଁ ଜାତି ଧର୍ମ ବର୍ଣ୍ଣ ସମ୍ପ୍ରଦାୟର ଉପରକୁ ଯାଇ କେବଳ ଗୋଟିଏ ନିୟମ ରହିବା ଜରୁରୀ । ଫେବୃଆରୀ ମାସ ସାତ ତାରିଖ,୨୦୨୪ ରେ କମନ ସିଭିଲ୍ କୋଡ଼ ଉପରେ ଉତ୍ତରାଖଣ୍ଡ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ ଯାହା ଭାରତର ପ୍ରଥମ ରାଜ୍ୟ ହେବାକୁ ଯାଉଛି ଭାରତରେ ସମାନ ଆଇନ୍ ସଂଘିତା ଲାଗୁ କରିବାରେ । ଭାରତର ସବୁ ରାଜ୍ୟ ସବୁ ପ୍ରକାର ରାଜନୈତିକ ବାଦାନୁବାଦ ଭୁଲି ସମାନ ଆଇନ୍ ସଂଘିତା ଲାଗୁ କରିବା ଠିକ୍ ହେବ ବୋଲି ମନେହୁଏ । ଏ ଦେଶ ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସ କରେ । ଭାରତର ସମ୍ବିଧାନ ପରା କୁହେ, ନିଜେ ଜିଇଁବା ସହିତ ଅନ୍ୟକୁ ଜିଇଁବାକୁ ଦିଅ । ତେଣୁ ଏ ଦେଶର ଲୋକମାନେ ଆଗ ଭଲରେ ଶାନ୍ତିରେ ରହିବା ପାଇଁ ଯେଉଁ ନିୟମ ଦରକାର, ତାହା ଶିଘ୍ର ଉତ୍ତରାଖଣ୍ଡ ରାଜ୍ୟ ପରି ଦେଶସାରା ଲାଗୁହେବା ଅତ୍ୟନ୍ତ ଜରୁରୀ । ଇଦ୍ ସହିତ ଦୀପାବଳି, ହୋଲି ସହିତ ବଡ଼ଦିନ, ବୁଦ୍ଧ ପୂର୍ଣ୍ଣିମା ସହିତ ସବୁ ଧର୍ମର ପର୍ବପର୍ବାଣି ପାଳନ ହେଉ ଖୁବ୍ ସୁନ୍ଦର ଭାବରେ , ସମସ୍ତେ ଖୁସିରେ ରୁହନ୍ତୁ ଓ ଗିର୍ଟ ୱାଇଲଡର୍ସଙ୍କ ପରି ମନୋଭାବ ପୋଷଣ କରନ୍ତୁ ଯାହା ଦ୍ୱାରା ଏ ଦେଶ ସୁରକ୍ଷିତ ରହି ପାରିବ ଓ ନିଜର ମହାନତାକୁ ବଜାୟ ରଖି ପାରିବ ସବୁଦିନ ପାଇଁ ।

ଭାରତ ମାତା କି ଜୟ
ବନ୍ଦେ ମାତରଂ ??

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ଓଡ଼ିଆ ଭାଷା ସମ୍ମିଳନୀରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ


ବାଦଲ ଭୂୟାଁ

ଓଡ଼ିଆ ଭାଷା ହେଉଛି ଏକ ପ୍ରାଚୀନ ଭାଷା। ଆମ ରାଜ୍ୟର ସଂସ୍କୃତି, ଐତିହ୍ୟ, ପରମ୍ପରା ଆଜି ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି ତେବେ କେବଳ ସମ୍ମିଳନୀରେ ଯୋଗ ଦେଇଥିବା ଦର୍ଶକ ବା ଅତିଥି ନୁହଁନ୍ତି କୋଟି କୋଟି ଓଡ଼ିଆଙ୍କ ଅପେକ୍ଷା ଥିଲା ଯେ ସେମାନଙ୍କର ଅତି ପ୍ରିୟ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ଉନ୍ମୋଚିତ ହେବାକୁ ନେଇ। ଅତି ଚମତ୍କାର ତଥ୍ୟଭିତ୍ତିକ ଓ ଉନ୍ନତ ପରିପାଟୀର ଆକର୍ଷଣୀୟ ସ୍ୱଭାବ ମଣ୍ଡିତ ଏହି ଦୁଇଟି ପତ୍ରିକା ଉନ୍ମୋଚିତ ହୋଇଛି। ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଏହି ଦୁଇଟି ପତ୍ରିକାକୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉନ୍ମୋଚନ କରି ୧୯୪୪ ମସିହାରୁ ଏହି ଦୁଇଟି ପତ୍ରିକା ନିରବଚ୍ଛିନ୍ନ ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କରି ଆସୁଛି। ଏହି ସ୍ୱତନ୍ତ୍ର ସଂଖ୍ୟା ଆଗାମୀ ପିଢ଼ୀକୁ ମାତୃଭାଷା ପ୍ରତି ସଚେତନ କରିବା ସହ ଉପାଦେୟ ଓ ସଂଗ୍ରହଣୀୟ ହେବ। ଏହି ପତ୍ରିକାଟି ବିଭାଗୀୟ ୱେବସାଇଟରେ ପାଠକ ମାନଙ୍କ ନିମନ୍ତେ ଉପଲବ୍ଧ ହେଉଥିବାବେଳେ ଓଡ଼ିଆ ଭାଷାବାସୀଙ୍କ ସୁବିଧା ପାଇଁ ଦେଶ ବିଦେଶରେ ରହୁଥିବା କୋଟି କୋଟି ଓଡ଼ିଆଙ୍କ ନିମିତ୍ତ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଓଡ଼ିଶା ବିଜେଡ଼ିର ଜଣେ ପ୍ରମୁଖ ଗଣମାଧ୍ୟମ ବ୍ୟକ୍ତିତ୍ୱ ଲେଲିନ ମହାନ୍ତି କହିଲେ ଯେ ଏହି ଦୁଇ ପତ୍ରିକାରେ ଓଡ଼ିଶାର ଭାଷା ସାହିତ୍ୟ ନେଇ ବହୁ ଦୁଷ୍ପ୍ରାପ୍ୟ ଓ ଉପାଦେୟ ତଥା ପୁରାତନ ଆଲେଖ୍ୟ ସ୍ଥାନ ପାଇଛି। ଯାହାଦ୍ୱାରା ଗବେଷକ ଓ ଛାତ୍ରଛାତ୍ରୀମାନେ ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର କ୍ରମ ବିକାଶ ସମ୍ପର୍କରେ ଅବଗତ ହୋଇପାରିବେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା ଏହି ପତ୍ରିକା ରାଜ୍ୟବାସୀଙ୍କ ପାଖରେ ନିଜର ସ୍ୱତନ୍ତ୍ର ପାଠକୀୟ ପରିଚିତି ରଖିପାରିଛି ବୋଲି ମତବ୍ୟକ୍ତ କରି ସ୍ୱାଧୀନତା ପୂର୍ବରୁ ରାଜ୍ୟ ସରକାରଙ୍କ ମୁଖପାତ୍ର ଭାବେ ଏହା ପ୍ରକାଶ ହୋଇ ଆସୁଛି ବୋଲି ସୂଚନା ଦେଇଥିଲେ। ବାସ୍ତବିକ ଏହି ଦୁଇଟି ପତ୍ରିକା ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ କମ୍ବୋଜ ଯୁଗ ବେଳେ ଯେଉଁ ତଥ୍ୟ ବ୍ୟବସ୍ଥା ରଖିଥିଲା ତାହା ଏବେ ପରିବର୍ତ୍ତିତ ବିଶ୍ୱ ଖବର ବା ଜାତୀୟ ଖବର ଭାବେ ପ୍ରକାଶିତ ହୋଇଆସୁଛି। ଉତ୍କଳ ପ୍ରସଙ୍ଗର ଏହି ସଂଖ୍ୟାରେ ୧୯ଟି ନିବନ୍ଧ ଓ ଓଡ଼ିଶା ରିଭ୍ୟୁରେ ୨୭ଟି ନିବନ୍ଧ ସ୍ଥାନ ପାଇଛି। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ ଯେ ଓଡ଼ିଆ ଭାଷା ୨୦୦୦ ବର୍ଷରୁ ଅଧିକ ପୁରାତନ। ଏହାର ସମୃଦ୍ଧି ପାଇଁ ଅନେକ ସାରସ୍ୱତ ସାଧକଙ୍କ ଅବଦାନ ସ୍ୱୀକୃତ। ଏହା କେବଳ ସରକାରଙ୍କ ପ୍ରଚାରଧର୍ମୀ ଭାବିବା ଠିକ ନୁହେଁ। ଏହି ଦୁଇଟି ପତ୍ରିକା ତଥ୍ୟଭିତ୍ତିକ ଓ ସଂଗ୍ରହଣୀୟ ହେବା ସହ ଏହା ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ବଜାରରେ ଉପଲବ୍ଧ। ପାଠକମାନେ ଡାକ ମାଧ୍ୟମରେ ମଧ୍ୟ ମଗାଇ ପାରୁଛନ୍ତି ଏବଂ ଏହାର ଡିଜିଟାଲ ବ୍ୟବସ୍ଥା ମଧ୍ୟ ରହିଛି। ପୁରୀ ରଥଯାତ୍ରା, ଦଶହରା, ବାଲିଯାତ୍ରା ଓ ସରକାରଙ୍କ ସ୍ୱତନ୍ତ୍ର ଦିବସରେ କେତେକ ସ୍ଥାନରେ ଏହା ବିନା ମୂଲ୍ୟରେ ପ୍ରଦାନ କରାଯାଏ। ବଡ଼ ଆଶ୍ଚର୍ଯ୍ୟର କଥା ଏହା ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି ହେଉଥିବାବେଳେ ଏଥିରେ ବିଜ୍ଞାପନ ପ୍ରାୟତଃ ନଥାଏ। ସୂଚନାଧର୍ମୀ ଓ ତଥ୍ୟଭିତ୍ତିକ ଏହି ପତ୍ରିକା ଏପରି ଅନେକ ଉପାଦେୟ ତଥ୍ୟ ସନ୍ନିବେଶିତ ହୋଇଥାଏ ଯାହାକି ଗବେଷଣା ପ୍ରସ୍ତୁତ ଲେଖା। ଜଣେ ପ୍ରବାସୀ ଓଡ଼ିଆ ଭାବେ ଏହି ଦୁଇଟି ପତ୍ରିକା ମୁଁ ମୋ ଛାତ୍ର ଜୀବନରୁ ପଢ଼ି ଆସୁଛି। ଏଥିରେ ଅନେକ ଲେଖା ଗୁଡ଼ିକ ମୋ ପାଠପଢ଼ା ବେଳେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଓଡ଼ିଶାର କେବଳ ସରକାରଙ୍କ ମୁଖପତ୍ର ନୁହେଁ ଜନଗଣଙ୍କ ମୁଖପତ୍ର ହୋଇ ଏହି ଦୁଇଟି ପତ୍ରିକା ନିଜ ଜୟଯାତ୍ରା ଆଗେଇ ନିଅନ୍ତୁ ଓଡ଼ିଶାର ଘରେ ଘରେ ଏହା ପହଞ୍ଚୁ ଏହି ଶୁଭ କାମନା ଜଣାଉଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*

# ସିନ୍ଦୂରର ପରାକ୍ରମରେ ଆତଙ୍କୀ ଥରହର


ନିମାଇଁ ଚରଣ ଦାସ

୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ସଂଗଠିତ ହେବାର ଦୀର୍ଘ ପାଞ୍ଚଦଶନ୍ଧି ପରେ ଭାରତ ପାକ୍ ମୁହାମୁହିଁ ହୋଇଛନ୍ତି। ଜମ୍ମୁ-କାଶ୍ମୀରର ପହଲଗାଓଁ ଆକ୍ରମଣରେ ଆମ ଦେଶର ୨୬ ଜଣ ନିରୀହ ଲୋକଙ୍କୁ ପାକିସ୍ତାନର ଆତଙ୍କବାଦୀମାନେ ଯେଉଁଭଳି ବିଭତ୍ସ ହତ୍ୟା କରିଥିଲେ ତାହାର ପ୍ରତିଜବାବ ରଖିବାକୁ ଯାଇ ଭାରତୀୟ ସେନା ପାକିସ୍ତାନ ମାଟିରେ କରିଥିବା ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ଯାହା ଦେଶର ସାର୍ବଭୌମତ ସୁରକ୍ଷା ବଜାୟ ରଖିବା ସହିତ ସେନା ତା'ର ବୀରତ୍ୱର ପରିଚୟ ଦେଇଛି। ବୀର ଯବାନମାନଙ୍କ ଲଢ଼େଇର ତରିକା ଏବଂ ନିଶାଣର ସ୍ଥାନଗୁଡ଼ିକୁ ଲକ୍ଷ୍ୟ କଲେ ସଂଯମତା ରକ୍ଷା ସହଜେ ବାରି ହୋଇଯାଏ। ଯେପରି ପ୍ରତିପକ୍ଷ ଦେଶର ନାଗରିକଙ୍କ ଧନଜୀବନ ହାନୀ ନଘଟେ ସେଥିପ୍ରତି ଦୃଷ୍ଟି ଦେଇଥିଲେ। ଅଥଚ ଆତଙ୍କବାଦୀଙ୍କ ଆଡ୍ଡା ଭାର୍ଜିବ ଓ ଆତଙ୍କବାଦୀମାନେ ମୃତ୍ୟୁ ବରଣ କରିବେ ସେ ଦିଗରେ ତିନି ସେନାର ସମ୍ମିଳିତ ଲଢ଼େଇ ତଥା ସମନ୍ୱୟ ରକ୍ଷା କରାଯାଇଥିଲା। ଅପରେସନ୍ ସିନ୍ଦୂର ପର୍ଯ୍ୟାୟରେ ୯ଟି ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଧ୍ୱଂସ କରି ଭାରତ ସମଗ୍ର ବିଶ୍ୱ ଆଗରେ ଦର୍ଶାଇ ଦେଇଥିଲା ଯେ ପାକିସ୍ତାନ କିଭଳି ଭାବେ ଆତଙ୍କବାଦୀମାନଙ୍କୁ ପୋଷୁଛି ତଥା ସେମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରୁଛି। କିନ୍ତୁ ଭାରତର ଏହି ଅଭିଯାନରେ ପାକିସ୍ତାନ ସେନା ପ୍ରତିବନ୍ଧକ ସାଜିବାରୁ ଅପରେସନ୍ ସିନ୍ଦୂରକୁ ବ୍ୟାପକ କରାଯାଇଥିଲା। ଆତଙ୍କବାଦୀଙ୍କୁ ସୁରକ୍ଷା ଦେବାଲାଗି ପାକିସ୍ତାନ ସେନାର ଏପରି ହସ୍ତକ୍ଷେପ ଅତ୍ୟନ୍ତ ଦୁଃଖ ଦାୟକ। ଆମର ଯୁଦ୍ଧ ବାସ୍ତବ ରଣନୀତି ଆଧାରିତ ଥିଲା। ଭାରତର ସ୍ୱଦେଶୀ ଆକାଶ ଏୟାର ଡିଫେନ୍ସ ବ୍ୟବସ୍ଥା ଅସାଧାରଣ ସଫଳତା ହାସଲ କରିବା ପୂର୍ବକ ପାକିସ୍ତାନ ସେନାର ଆକ୍ରମଣକୁ ଅକାମୀ କରିଦେଇଥିଲା। ଆକାଶ ଏୟାର ଡିଫେନ୍ସ ଯେଉଁ ସଫଳତା ହାସଲ କରିଛି ତାହା ସରକାରଙ୍କ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳର ଯଥାର୍ଥତାକୁ ପ୍ରତିପାଦିତ କରିବା ସହିତ ଏହା ବଜେଟ୍ କମ କରିପାରିଛି। ଅପରପକ୍ଷରେ ଭାରତୀୟ ବାୟୁସେନା ପାକିସ୍ତାନର ଏକାଧିକ ସ୍ଥାନକୁ ଲକ୍ଷ୍ୟକରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଯାହା ଫଳରେ ପାକିସ୍ତାନର କେତେକ ସାମରିକ ଘାଟି ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ଅପରେସନ୍ ସିନ୍ଦୂର ଅଭିଯାନ ପରେ ପାକିସ୍ତାନ ସେନା ଭାରତୀୟ ସୀମା ମଧ୍ୟକୁ ପ୍ରାୟ ୪୦୦ ଡ୍ରୋନ୍ ଓ ୟୁଏଭି ମାଡ଼ କରିଥିଲା। ମାତ୍ର ପାକିସ୍ତାନର ଏହିସବୁ ଡ୍ରୋନ୍‌ସକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିବାରେ ସଫଳ ହୋଇଥିଲା। ଭାରତ ଉପରେ ପାକିସ୍ତାନ ସେନା ଯେଉଁ ପ୍ରତି ଆକ୍ରମଣ କରିଥିଲା ସେଥିରେ ପିଏଲ୍ ୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା ତାହା ତାହା ଚାଇନା ଦ୍ୱାରା ନିର୍ମିତ ହୋଇଥିଲା। ଚାଇନା ଦ୍ୱାରା ନିର୍ମିତ ଏହି କ୍ଷେପଣାସ୍ତ୍ର ଏହାର ଲକ୍ଷ୍ୟସ୍ଥଳ ଭେଦ କରିବାରେ ବିଫଳ ହୋଇଥିଲା। ଚାଇନା କ୍ଷେପଣାସ୍ତ୍ର ସହିତ ତୁର୍କୀ ନିର୍ମିତ ୱାଇଆର୍‌ଏଚ୍‌ଏ ଓ ସେନାଗାର ଡ୍ରୋନ୍‌କୁ ପାକିସ୍ତାନ ମଧ୍ୟ ବ୍ୟବହାର କରିଥିଲା। ଏହିସବୁ ଡ୍ରୋନ୍‌କୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିବାରେ ସକ୍ଷମ ହୋଇଥିଲା। ଭାରତର ସାମରିକ ଭିତ୍ତିଭୂମିକୁ ଲକ୍ଷ୍ୟକରି ପାକିସ୍ତାନ ପ୍ରତି ଆକ୍ରମଣ କରିବା ପରେ ଏହାର କଡ଼ା ଜବାବ ଭାରତ ପକ୍ଷରୁ ଦିଆଯାଇଥିଲା। ଭାରତର ଏହି ଜବାବରେ ପାକିସ୍ତାନର ୧୧ଟି ବିମାନ ଘାଟି ସମେତ ଅନେକ ସାମରିକ ଭିତ୍ତିଭୂମି ନଷ୍ଟ ହୋଇଛି। ସେଗୁଡ଼ିକ ମଧ୍ୟରେ ପାକିସ୍ତାନର ନୂର ଖାନ୍, ରଫିକ୍ ମୁରିଦ୍, ସୁକ୍କୁର୍, ସିଆଲକୋଟ, ପାସରୁର୍, ଚୁନିଆନ, ସାରଗୋଧା ସକୁର ଭୋଲାରି ଓ ଜାକୋବାବାଦ୍ ପ୍ରଭୃତି ବିମାନଘାଟିକୁ ଭାରତୀୟ ବାୟୁସେନା ଉଡ଼ାଇ ଦେବାକୁ ସକ୍ଷମ ହୋଇଥିଲା। ଏହି କ୍ଷତି ହେଉଛି ପାକିସ୍ତାନ ବାୟୁସେନାର ୨୦ ପ୍ରତିଶତ। ଭୋଲାରୀ ବିମାନ ଘାଟିରେ ଭାରତୀୟ ବାୟୁସେନା ପକ୍ଷରୁ ଯେଉଁ ଆକ୍ରମଣ କରାଯାଇଥିଲା ସେଥିରେ ପାକିସ୍ତାନର ବହୁ ସାମରିକ କର୍ମଚାରୀଙ୍କ ମୃତ୍ୟୁ ମଧ୍ୟ ହୋଇଛି।ଅପରେସନ୍ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡାସ୍ଥଳୀ ଧ୍ୱଂସ ହେବା ସହିତ ୧୦୦ରୁ ୧୧୦ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି। ସେହିପରି ପାକିସ୍ତାନର ସାମରିକ ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣ ଦ୍ୱାରା ୩୫ରୁ ୪୦ ସେନା ଅଧିକାରୀ ଓ ସୈନ୍ୟ ନିହତ ହୋଇଛନ୍ତି। ଅପରେସନ୍ ସିନ୍ଦୂର ପରେ ପ୍ରତ୍ୟେକ ଆତଙ୍କବାଦୀ ଓ ଆତଙ୍କବାଦୀ ସଂଗଠନ ଜାଣିପାରିଥିବେ ଯେ ଭାରତର ଝିଅ ଓ ଭଉଣୀଙ୍କ ମଥାରୁ ସିନ୍ଦୂର ପୋଛିବାର ପରିଣାମ କ'ଣ ହୋଇପାରେ। ଆମ ଝିଅ ଓ ଭଉଣୀମାନଙ୍କ ନ୍ୟାୟ ପ୍ରଦାନର ଅଖଣ୍ଡ ପ୍ରତିଜ୍ଞା ହେଉଛି ଅପରେସନ୍ ସିନ୍ଦୂର। ଆତଙ୍କବାଦୀମାନେ ଆମ ଝିଅ ଓ ଭଉଣୀମାନଙ୍କର ମଥାରୁ ସିନ୍ଦୂର ପୋଛିଥିଲା, ବଦଳରେ ଆମେ ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିଦେଇଛୁ। ପାକିସ୍ତାନ ଭାରତର ସୀମା ଉପରେ ଆକ୍ରମଣ କରିଥିବା ବେଳେ ଆମେ ତାହାର ହୃଦୟକୁ ଆଘାତ ଦେଇଛୁ ଏଥିରେ ଦ୍ୱିଧା ପ୍ରକାଶ କରିବାର ନାହିଁ। ବର୍ତ୍ତମାନ ସମୟ ଯୁଦ୍ଧର ନୁହେଁ କି ଆତଙ୍କବାଦର ନୁହେଁ। ଭାରତ ବୁଦ୍ଧର ଦେଶ। ଏହା ଯୁଦ୍ଧ ଚାହେଁନା, ମାତ୍ର ଜବାବ ଦେଇଜାଣେ। ଶାନ୍ତି ସହ ବୀରତ୍ୱ ପ୍ରଦର୍ଶନ ଭାରତର ନୀତି। ଏହା ସୁନ୍ଦର ବିଶ୍ୱ ଗଠନ ଲାଗି ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତାକୁ ନିଶ୍ଚିତ କରାଯିବା ଦରକାର। ପାକିସ୍ତାନ ସହିତ କୌଣସି କଥାବାର୍ତ୍ତା କରାଯିବ ନାହିଁ। ଯଦି କଥାବାର୍ତ୍ତା କରାଯିବ କେବଳ ଆତଙ୍କବାଦ ଓ ପିଓକେ ପ୍ରସଙ୍ଗରେ କେବଳ କଥାବାର୍ତ୍ତା କରାଯିବ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋକ୍‌ଠୋକ୍ କହିଛନ୍ତି। ତେଣୁ ଆତଙ୍କବାଦ ଓ ଶାନ୍ତି କଥାବାର୍ତ୍ତା ଏକକାଳୀନ ହୋଇପାରିବ ନାହିଁ। ସେହିପରି ଆତଙ୍କବାଦ ଓ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ। ରକ୍ତ ଓ ପାଣି ମଧ୍ୟ ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମଧ୍ୟ କହିଥିଲେ। ଭାରତ ପାକିସ୍ତାନ ସୀମାରେ ଉତ୍ତେଜନାକୁ ହ୍ରାସ କରିବା ପାଇଁ ଦୁଇଦେଶର ସାମରିକ ମୁଖ୍ୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଛି। ଦୁଇଦେଶ ସୀମାରୁ ସୈନ୍ୟ ହ୍ରାସ ଓ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ ପାଇଛି। କିନ୍ତୁ ପାକିସ୍ତାନ ଏବେ ବି ତା'ର କାର୍ଯ୍ୟକଳାପ ଚାଲୁ ରଖିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ତିକ୍ତତାକୁ ନେଇ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ମେ ୯ରୁ ମେ ୧୪ ତାରିଖ ପର୍ଯ୍ୟନ୍ତ ଉତ୍ତର ଓ ପଶ୍ଚିମ ଭାରତର ୩୨ଟି ବିମାନ ବନ୍ଦରକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମେ' ୭ରେ 'ଅପରେସନ୍ ସିନ୍ଦୂର' ଆରମ୍ଭ ହେବା ଠାରୁ ପ୍ରତିଦିନ ଭାରତର ହାରାହାରି ୧୭୦ରୁ ୧୮୦ ଉଡ଼ାଣ ବାତିଲ୍ ହେବା ସହ ମୋଟ ୧୦୦୦ରୁ ଊର୍ଦ୍ଧ୍ୱ ବେସାମରିକ ବିମାନ ଚଳାଚଳ ବନ୍ଦ ହୋଇଥିଲା। ଯାହାଫଳରେ ଭାରତୀୟ ବିମାନ କମ୍ପାନୀ ପ୍ରତିଦିନ ପ୍ରାୟ ୩୦ କୋଟି ଟଙ୍କାର ରାଜସ୍ୱ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଏୟାର ଇଣ୍ଡିଆର ଦିନକୁ ୧୦.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହେଉଥିବା ବେଳେ ଇଣ୍ଡିଗୋର ଦିନକୁ ୧୬.୬ କୋଟି ଟଙ୍କା କ୍ଷତି ହେଉଥିଲା। ଏହା ଫଳରେ ଆନ୍ତର୍ଜାତିକ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏହି ଆତଙ୍କବାଦୀ ଆକ୍ରମଣ ଫଳରେ ଭାରତର ଭୂ-ସ୍ୱର୍ଗ କୁହାଯାଉଥିବା କାଶ୍ମୀରର ପର୍ଯ୍ୟଟନ ଶିଳ୍ପ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପର୍ଯ୍ୟଟନ ଉପରେ ନିର୍ଭର କରି ଜୀବନ ଜୀବିକା ଧାରଣ କରିଥିବା କାଶ୍ମୀର ଯୁବକମାନେ ଏବେ ଚିନ୍ତାରେ ଦିନ କାଟୁଛନ୍ତି। କାଶ୍ମୀର ଭ୍ୟାଲି ଖାଲି ଖାଁ ଖାଁ। କାରଣ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ଆତଙ୍କ ଏତେଶୀଘ୍ର ଯିବ ନାହିଁ। ତେଣୁ ଜାମ୍ମୁ କାଶ୍ମୀର ପର୍ଯ୍ୟଟନ ଶିଳ୍ପର ମେରୁଦଣ୍ଡକୁ ସିଧା କରିବାକୁ ବର୍ଷ ବର୍ଷ ଲାଗିଯିବ।

*ବରିଷ୍ଠ ସାମ୍ବାଦିକ,*
*ମୋ: ୭୯୭୮୭୦୪୮୮୪*

